# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 28 April – 2026

## ମୁଖ୍ୟମନ୍ତ୍ରୀ-କେନ୍ଦୁଝର ଗସ୍ତ

କେନ୍ଦୁଝର ଗସ୍ତର ଦ୍ୱିତୀୟ ଦିନରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବେ । ଉଛାବାଲି ହାଟପଡ଼ିଆଠାରେ ୧ହଜାର ୬୪୬ କୋଟି ଟଙ୍କା ବ୍ୟୟରେ ଏକ ନୂତନ ବିଦ୍ୟୁତ ଗ୍ରୀଡ୍ ସବଷ୍ଟେସନ୍ ସମେତ ୨ଟି ୨୨୦ କିଲୋଭୋଲ୍ଟ ଗ୍ରୀଡ ସବ୍‌ଷ୍ଟେସନ ଓ ୫ଟି ଟ୍ରାନ୍ସମିଶନ ଲାଇନ୍‌ର ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ପରେ ଜିଲ୍ଲାର ପୁରୁଷୋତ୍ତମପୁରସ୍ଥିତ ବି.ଏନ୍.କେ. ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଗସ୍ତର ତୃତୀୟ ଦିନରେ ଆସନ୍ତାକାଲି ଶ୍ରୀ ମାଝୀ ଧରଣୀଧର ବିଶ୍ୱବିଦ୍ୟାଳୟରେ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବା ସହ ଆମ ବସ୍ ରହଣି ସ୍ଥଳୀର ଉଦ୍‌ଘାଟନ କରିବେ।

## ଶିକ୍ଷାନୁଷ୍ଠାନ-ମାନସିକ ସ୍ୱାସ୍ଥ୍ୟନୀତି

ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ସୁରକ୍ଷା ତଥା ଆତ୍ମହତ୍ୟା ପ୍ରବଣତା ରୋକିବା ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ସାର୍ବଜନୀନ ମାନସିକ ସ୍ୱାସ୍ଥ୍ୟନୀତି ଲାଗୁ କରାଯିବ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ

ଆଧାରରେ ଏନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆଦର୍ଶ ମାର୍ଗଦର୍ଶିକା ଜାରି କରାଯାଇଛି । ୧୦୦ ବା ତା'ଠାରୁ ଅଧିକ ଛାତ୍ରଛାତ୍ରୀଥିବା ଶିକ୍ଷାନୁଷ୍ଠାନରେ ଜଣେ ଯୋଗ୍ୟତା ସମ୍ପନ୍ନ ମନୋବିଜ୍ଞାନୀଙ୍କୁ ରଖିବା ଲାଗି ମାର୍ଗଦର୍ଶିକାରେ କୁହାଯାଇଛି । ବର୍ଷକୁ ୨ଥର ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଙ୍କୁ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଶିକ୍ଷଣ ଦିଆଯିବା ନେଇ ବ୍ୟବସ୍ଥା ରହିଛି ।

## ବକେୟା ଭୂ-ରାଜସ୍ୱ ଛାଡ

ରାଜ୍ୟ ସରକାର ଅଧିଗ୍ରହିତ ଜମି ସମ୍ବନ୍ଧୀୟ ବକେୟାଥିବା ଭୂ-ରାଜସ୍ୱ ଛାଡ କରିବା ଏବଂ ଜମିପଟ୍ଟା ସଂଶୋଧନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି । ସମସ୍ତ ଜିଲ୍ଲାପାଳଙ୍କୁ ଏହି ମର୍ମରେ ୨୦୧୩ ଭୂ-ଅଧିଗ୍ରହଣ ଆଇନ୍ ଅନୁଯାୟୀ ସମସ୍ତ ମାମଲାର ସଂଶୋଧନ କରିବା ଲାଗି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ମାସ ୩୦ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ କରି ଜୁନ୍ ୧୫ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ ଲାଗି କୁହାଯାଇଛି ।

## ସମ୍ମିଳନୀ

ନୀତି ପ୍ରଣୟନ ଏବଂ ସେବା ପ୍ରଦାନରେ ପ୍ରଶାସନିକ ତଥ୍ୟାବଳୀର ପୁନଃ ବ୍ୟବହାରର ଆବଶ୍ୟକତା ନେଇ ଭୁବନେଶ୍ୱରରେ ଆସନ୍ତାକାଲିଠାରୁ ଦୁଇଦିନିଆ ଜାତୀୟ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ । ଉଦ୍‌ଘାଟନୀ

ଅଧିବେଶନରେ କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ୍ ସିଂହ ଯୋଗଦେବେ । ସମ୍ମିଳନୀରେ ତୃଣମୂଳ ସ୍ତରରେ ତଥ୍ୟ ସମନ୍ୱୟ କ୍ଷେତ୍ରରେ ଦେଖାଦେଉଥିବା ପ୍ରତିବନ୍ଧକ ଗୁଡ଼ିକୁ ଜାଣିବା ଏବଂ ସମାଧାନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ।

## ତର୍ପଣ ଶିଳାସ୍ତମ୍ଭ

ପୃଥିବୀ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା ଭାବେ କଳିଙ୍ଗ ଯୁଦ୍ଧରେ ବଳିଦାନ ଦେଇଥିବା ବୀର ସୈନିକମାନଙ୍କ ସ୍ମୃତିରକ୍ଷା ପାଇଁ ଧଉଳି ପାହାଡ଼ ପାଦଦେଶରେ ଦୟାନଦୀ କୂଳରେ ତର୍ପଣ ଶିଳାସ୍ତମ୍ଭ ସ୍ଥାପନ କରାଯିବ । ରାଜ୍ୟ ସରକାର ଏଥିପାଇଁ ଏକ ୧୦ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି । ବିଧାୟକ ବାବୁ ସିଂହଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯାଇଛି ।

## ବୈଠକ ସ୍ଥଗିତ

ଗ୍ରୀଷ୍ମପ୍ରବାହ ଯୋଗୁଁ ଆଗୁଆ ଖରାଛୁଟି ଘୋଷଣା ହୋଇଥିବାରୁ ଆସନ୍ତା ୩୦ ତାରିଖରେ ହେବାକୁ ଥିବା ପ୍ରଥମ ଅଭିଭାବକ ଶିକ୍ଷକ ବୈଠକକୁ ସ୍ଥଗିତ ରଖାଯାଇଛି । ବୈଠକ ନେଇ ପରବର୍ତ୍ତୀ ତାରିଖ ଜଣାଇ ଦିଆଯିବ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଓସେପା ପକ୍ଷରୁ ସୂଚନା ଦିଆଯାଇଛି ।

## ଦୁର୍ଘଟଣା

ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଅଞ୍ଚଳରେ ଗତକାଲି ପୃଥକ୍ ପୃଥକ୍ ସଡ଼କ ଦୁର୍ଘଟଣାରେ ୫ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ୬ ଜଣ ଆହତ ହୋଇଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ କରୁଛି ।

## ଓଜେଇଇ

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-ଓଜେଇଇ ୨୦୨୬ ଆସନ୍ତାମାସ ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୩ଟି ସିଫ୍ଟରେ ହେବାକୁ ଥିବା ପରୀକ୍ଷାର ପ୍ରଥମ ଦିନରେ ବିଏସ୍‌ସି ନର୍ସିଂ ପରୀକ୍ଷା ହେବ ବୋଲି ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ନାମଲେଖା

ଚଳିତ ଶିକ୍ଷାବର୍ଷରେ ଯୁକ୍ତ ୨ରେ ରାଜ୍ୟରେ ଥିବା ୨ହଜାର ୫୬୮ଟି କନିଷ୍ଠ ମହାବିଦ୍ୟାଳୟରେ ୫ଲକ୍ଷ ୫୮ହଜାର ୯୦୭ଟି ଆସନରେ ନାମଲେଖା ହେବ । ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କଳା ପାଠ୍ୟକ୍ରମରେ ସର୍ବାଧିକ ୩ଲକ୍ଷ ୩୭ହଜାର ୨୯୮ଟି ଆସନ ରହିଥିବାବେଳେ ବିଜ୍ଞାନରେ ୧ଲକ୍ଷ ୯୨ହଜାର ୬୯୩, ବାଣିଜ୍ୟରେ ୪୩ହଜାର ୭୬୮, ଉପଶାସ୍ତ୍ରୀରେ ୧୩ହଜାର ୭୧୨ ଓ ଧନ୍ଦାମୂଳକ ଶିକ୍ଷାରେ ୧୦ହଜାର ୬୩୬ଟି ଆସନରେ ନାମଲେଖା ହେବ ।

# ମଧୁବାବୁ ଜୟନ୍ତୀ

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଆଜି ୧୭୮ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବ । ଜଣେ ପ୍ରଖ୍ୟାତ ଜାତୀୟବାଦୀ ନେତା ରୂପେ ଉତ୍କଳଗୌରବ ମଧୁସୂଦନ ଦାସ ୧୯୨୪ ମସିହାରୁ ସ୍ୱଦେଶୀ ଆନ୍ଦୋଳନ, ଗ୍ରାମ୍ୟ ଉନ୍ନୟନ ପରିକଳ୍ପନା, ସମସ୍ତଙ୍କୁ ମୌଳିକ ଶିକ୍ଷାର ଅଧିକାର, ପଛୁଆ ଶ୍ରେଣୀ ଲୋକମାନଙ୍କର ଉତ୍‌ଥାନ ଆଦି କେତେକ ଜନଜାଗରଣ ପ୍ରସଙ୍ଗ ମହାତ୍ମାଗାନ୍ଧିଙ୍କ ଚିନ୍ତାଧାରାକୁ ଗଭୀର ଭାବେ ପ୍ରଭାବିତ କରିଥିଲା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ। ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେବେ ।

# ନୃସିଂହ ଜନ୍ମୋତ୍ସବ

ବରଗଡ ଜିଲ୍ଲା ପାଇକମାଳସ୍ଥିତ ନୃସିଂହନାଥ ପୀଠରେ ୫ ଦିନିଆ ନୃସିଂହ ଜନ୍ମୋତ୍ସବ ଓ ବୈଶାଖୀ ମେଳା ଆରମ୍ଭ ହୋଇଛି । ମେଳା ଦେଖିବା ପାଇଁ

ପଡୋଶୀ ଛତିଶଗଡ ସମେତ ରାଜ୍ୟରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି ।

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ୧୫ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଥିଲା । ଝାରସୁଗୁଡାଠାରେ ସର୍ବାଧିକ ତାପମାତ୍ରା ୪୪ ଦଶମିକ ୭ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା । ତେବେ ବଙ୍ଗୋପସାଗରରୁ ଆସୁଥିବା ଜଳୀୟ ବାଷ୍ପପୂର୍ଣ୍ଣ ବାୟୁର ପ୍ରଭାବରେ ରାଜ୍ୟରେ କାଳବୈଶାଖୀ ହେବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି କୁହାଯାଇଛି ।